# ସୂଚୀପତ୍ର


ପ୍ରସ୍ତାବନା, ଡବ୍ଲ୍ୟୁ. ୱାଇ. ଇଭାନ୍ସ-ୱେଞ୍ଜ୍ ........ xi
ଚିତ୍ରସୂଚୀ ........ xv

**ପରିଚ୍ଛେଦ**

1. ମୋର ପିତାମାତା ଓ ବାଲ୍ୟଜୀବନ ........ 3
2. ମାତୃବିୟୋଗ ଓ ରହସ୍ୟମୟ କବଚ ........ 18
3. ଯୁଗ୍ମଶରୀରଧାରୀ ସାଧୁ ........ 27
4. ହିମାଳୟ ପଳାୟନରେ ବାଧା ........ 36
5. ଗନ୍ଧବାବାଙ୍କ ଅଲୌକିକ ପ୍ରଦର୍ଶନ ........ 53
6. ବ୍ୟାଘ୍ର ସ୍ୱାମୀ ........ 65
7. ଭାସମାନ ସାଧୁ (ନଗେନ୍ଦ୍ର ନାଥ ଭାଦୁଡ଼ି)........ 77
8. ଭାରତର ମହାନ୍ ବୈଜ୍ଞାନିକ ଜଗଦୀଶ ଚନ୍ଦ୍ର ବୋଷ ........ 85
9. ଆନନ୍ଦମଗ୍ନ ଭକ୍ତ ଏବଂ ତାଙ୍କର ଈଶ୍ୱରୀୟ ପ୍ରେମ (ମାଷ୍ଟର୍ ମହାଶୟ) ........ 97
10. ଗୁରୁଦେବ ଶ୍ରୀ ଯୁକ୍ତେଶ୍ୱରଙ୍କ ସହ ମୋର ସାକ୍ଷାତ ........ 107
11. ବୃନ୍ଦାବନରେ ଦୁଇ କପର୍ଦ୍ଦକଶୂନ୍ୟ ବାଳକ ........ 122
12. ମୋର ଗୁରୁଦେବଙ୍କ ଆଶ୍ରମରେ ବହୁ ବର୍ଷ ........ 134
13. ବିନିଦ୍ର ସାଧୁ (ରାମ ଗୋପାଳ ମଜୁମଦାର)........ 176
14. ସମାଧିର ଅନୁଭୂତି ........ 186
15. ଫୁଲକୋବି ଚୋରି ........ 196
16. ଗ୍ରହ ଶାନ୍ତି ........ 211
17. ଶଶୀ ଏବଂ ତିନୋଟି ନୀଳକାନ୍ତ ମଣି ........ 226
18. ଜଣେ ମୁସଲମାନ୍ ଯାଦୁକର (ଅଫଜଲ୍ ଖାନ୍)........ 235
19. କଲିକତା ଓ ଶ୍ରୀରାମପୁରରେ ଗୁରୁଦେବଙ୍କର ଏକକାଳୀନ ଆବିର୍ଭାବ ........ 243
20. କାଶ୍ମୀର ଯାତ୍ରାରେ ବାଧା ........ 248
21. କାଶ୍ମୀର ଯାତ୍ରା ........ 256
22. ପାଷାଣମୂର୍ତ୍ତିର ହୃଦୟ ........ 269
23. ବିଶ୍ୱବିଦ୍ୟାଳୟ ଡିଗ୍ରୀ ଲାଭ ........ 277
24. ସ୍ୱାମୀ-ପରମ୍ପରାରେ ସନ୍ନ୍ୟାସ ଗ୍ରହଣ ........ 287

25. ଭାଇ ଅନନ୍ତ ଓ ଭଉଣୀ ନଳିନୀ ........ 298
26. *କ୍ରିୟାଯୋଗ* ବିଜ୍ଞାନ ........ 306
27. ରାଞ୍ଚିରେ ଯୋଗବିଦ୍ୟାଳୟ ସ୍ଥାପନ ........ 318
28. କାଶୀ-ପୁନର୍ଜନ୍ମ ଓ ଆବିଷ୍କାର ........ 329
29. ରବୀନ୍ଦ୍ରନାଥ ଟାଗୋର ଓ ମୋ ଦ୍ୱାରା ବିଦ୍ୟାଳୟ ସମୂହର ତୁଳନା ........ 335
30. ଅଲୌକିକତାର ନିୟମ ........ 341
31. ପୁଣ୍ୟମୟୀ ମାତାଙ୍କ ସହିତ ସାକ୍ଷାତ(କାଶୀମଣୀ ଲାହିଡ଼ୀ) ........ 357
32. ରାମର ପୁନର୍ଜୀବନ ଲାଭ ........ 371
33. ବାବାଜୀ: ଆଧୁନିକ ଭାରତର ମହାବତାର ଯୋଗୀ ........ 382
34. ହିମାଳୟରେ ପ୍ରାସାଦ ସୃଷ୍ଟି ........ 393
35. ଲାହିଡ଼ୀ ମହାଶୟଙ୍କ ଈଶ୍ୱରତୁଲ୍ୟ ଜୀବନ ........ 411
36. ପାଶ୍ଚାତ୍ୟ ପ୍ରତି ବାବାଜୀଙ୍କ ଆଗ୍ରହ ........ 427
37. ମୋର ଆମେରିକା ଯାତ୍ରା ........ 440
38. ଗୋଲାପ ଫୁଲ ପରିବେଷ୍ଟିତ ସାଧୁ ଲୁଥର୍ ବରବ୍ୟାଙ୍କ୍ ........ 451
39. ଖ୍ରୀଷ୍ଟ କ୍ଷତାଙ୍କଧାରିଣୀ କ୍ୟାଥଲିକ୍ ସନ୍ଥ ଥେରେସେ ନୟମନ୍ ........ 459
40. ମୋର ଭାରତ ପ୍ରତ୍ୟାବର୍ତ୍ତନ........ 471
41. ଦକ୍ଷିଣ ଭାରତ ଭ୍ରମଣ ବୃତ୍ତାନ୍ତ ........ 482
42. ମୋର ଗୁରୁଦେବଙ୍କ ସହିତ ଶେଷ କେତୋଟି ଦିନ ........ 500
43. ଶ୍ରୀ ଯୁକ୍ତେଶ୍ୱରଙ୍କ ପୁନରୁତ୍‌ଥାନ ........ 519
44. ମହାତ୍ମା ଗାନ୍ଧୀଙ୍କ ସହ ଓ୍ୱାର୍ଦ୍ଧାରେ ........ 544
45. ବଙ୍ଗବାସିନୀ ଆନନ୍ଦମୟୀ ମାଆ........ 566
46. ନିରାହାରିଣୀ ଯୋଗିନୀ (ଗିରିବାଳା) ........ 573
47. ମୋର ପାଶ୍ଚାତ୍ୟ ପ୍ରତ୍ୟାଗମନ ........ 589
48. କାଲିଫୋର୍ଣ୍ଣିଆର ଏନ୍‌ସିନିଟାସ୍‌ରେ ........ 596
49. ୧୯୪୦ ରୁ ୧୯୫୧ ବର୍ଷଗୁଡ଼ିକ ........ 601
ପରମହଂସ ଯୋଗାନନ୍ଦ: ଉଭୟ ଜୀବନ ଏବଂ ମୃତ୍ୟୁରେ ଯୋଗୀ ........ 620
ପରମହଂସ ଯୋଗାନନ୍ଦଙ୍କର ସମ୍ମାନାର୍ଥେ ଭାରତ ସରକାରଙ୍କ ଦ୍ୱାରା ପ୍ରଚଳିତ ସ୍ମାରକୀ ଡାକଟିକେଟ୍ ........ 621
ଯୋଗଦା ସତ୍‌ସଙ୍ଗ ସୋସାଇଟି ଅଫ୍ ଇଣ୍ଡିଆର ଲକ୍ଷ୍ୟ ଏବଂ ଆଦର୍ଶ ........ 622
ସଙ୍କେତ-ସୂଚୀ ........ 625

## ପରିଚ୍ଛେଦ ୧

# ମୋର ପିତାମାତା ଓ ବାଲ୍ୟଜୀବନ

ଚରମ ସତ୍ୟର ଅନୁସନ୍ଧାନ ଏବଂ ତତ୍‌ସଂଲଗ୍ନ ଗୁରୁଶିଷ୍ୟ ସମ୍ପର୍କ* ବହୁକାଳରୁ ଭାରତୀୟ ସଂସ୍କୃତିର ସ୍ୱଭାବସିଦ୍ଧ ଲକ୍ଷଣରୂପେ ଗୃହୀତ ହୋଇଆସିଛି ।

ମୋ ନିଜ ଜୀବନ ମତେ ଏମିତି ଏକ ଈଶ୍ୱରତୁଲ୍ୟ ସିଦ୍ଧସନ୍ଥଙ୍କ ନିକଟକୁ ବାଟ କଢ଼େଇ ନେଇଥିଲା, ଯାହାଙ୍କ ଅପୂର୍ବ ସୁନ୍ଦର ଜୀବନ ଯୁଗଯୁଗ ପାଇଁ ଆଦର୍ଶ ହୋଇ ରହିଯାଇଛି । ଭାରତର ସାଧୁସନ୍ଥଗଣ ତା'ର ଏକମାତ୍ର ସମ୍ପଦ । ପ୍ରତ୍ୟେକ ଯୁଗରେ ଆବିର୍ଭୂତ ହୋଇ ସେମାନେ ଭାରତବର୍ଷକୁ ପ୍ରାଚୀନ ମିଶର ଓ ବ୍ୟାବିଲୋନିଆର ଭାଗ୍ୟ ବିପର୍ଯ୍ୟୟରୁ ହାତରୁ ରକ୍ଷା କରି ଆସିଛନ୍ତି । ମୋର ଗୁରୁଦେବ ଥିଲେ ସେହିଭଳି ଜଣେ ଶ୍ରେଷ୍ଠ ମହାପୁରୁଷ ।

ହେତୁ ହେବା ଦିନୁ ମୋର ଏ ଜନ୍ମର ଆଦ୍ୟ-ସ୍ମୃତିପଟରେ ଯେପରି ପ୍ରମୂର୍ତ୍ତ ହୋଇଉଠୁଥିଲା ଏକ ବିଗତ ଜନ୍ମର ବ୍ୟତିକ୍ରାନ୍ତ ଲକ୍ଷଣସବୁ ମୋର ପରିଷ୍କାର ମନେ ପଡ଼ିଲା ଯେ ସୁଦୂର ଅତୀତରେ ମୁଁ ତୁଷାରମଣ୍ଡିତ ହିମାଳୟରେ ବିଚରଣରତ ଜଣେ ଯୋଗୀ† ଥିଲି । ଅତୀତର ଆଭାସ ଭାଗମାପ ନଥିବା କେତେକ ଯୋଗସୂତ୍ର ଦ୍ୱାରା ମୋର ଭବିଷ୍ୟତ ଜୀବନ ସମ୍ବନ୍ଧରେ ମଧ୍ୟ ଈଷତ୍ ସୂଚନା ଦେଇଥିଲା ।

ମୋ ପିଲାଦିନର ଅସହାୟ ଅବସ୍ଥାର ଦୈନ୍ୟ ମୋର ଏବେ ମଧ୍ୟ ମନେ ଅଛି । ଚାଲିବାକୁ ଏବଂ ପରିଷ୍କାର ଭାବେ କଥା କହିବାକୁ ନିଜର ଅକ୍ଷମତା ବିଷୟରେ ସଚେତନ ଥିବାରୁ ମୁଁ ଅପମାନିତ ବୋଧ କରୁଥିଲି । ଶାରୀରିକ ଅକ୍ଷମତା ଅନୁଭବ ଯୋଗୁଁ ମୋର ମନ ଭିତରେ ଉଠୁଥିଲା ପ୍ରାର୍ଥନାମୟ ତରଙ୍ଗ । ମନ ମଧ୍ୟରେ ମୋର ଦୃଢ଼ ଭାବପ୍ରବଣତା ବହୁ ଭାଷାରେ ପ୍ରକାଶ ପାଉଥିଲା । ମନରେ ବିଭିନ୍ନ ଭାଷାମାନଙ୍କର ଏପରି ବିଶୃଙ୍ଖଳା ଚାଲିଥିବା ବେଳେ, ମୋର ଆପଣାର ଲୋକମାନଙ୍କଠାରୁ ମୁଁ ଆସ୍ତେ ଆସ୍ତେ ବଙ୍ଗଳା ଭାଷା ଶୁଣିବାରେ ଅଭ୍ୟସ୍ତ ହେଲି । ଶିଶୁମନର ଏହି ଅବୋଧ୍ୟ ଆଚରଣକୁ ବୁଝି ନପାରି ବୟସ୍କମାନେ ଏହାକୁ ସେମାନଙ୍କର ଖେଳନା ଏବଂ ପାଦ ଆଙ୍ଗୁଠି ଚୁଚୁମିବାରୁ ମିଳୁଥିବା ଆନନ୍ଦରେ ସୀମିତ ରଖିଥାନ୍ତି ।

* *ଗୁରୁଗୀତା* (ଶ୍ଳୋକ-୧୬) ଯଥାର୍ଥରେ ଗୁରୁଙ୍କୁ ଅନ୍ଧକାରମୋଚନକାରୀ ଭାବେ ବର୍ଣ୍ଣନା କରେ; 'ଗୁ' (ଅନ୍ଧକାର) ରୁ 'ରୁ' (ଯାହା ମୋଚନ କରେ) ।

† ଯେ ଯୋଗ ଅଭ୍ୟାସ କରେ । ଭଗବାନଙ୍କର ଧ୍ୟାନ ପାଇଁ ଯୋଗ ଏକ ପ୍ରାଚୀନ ବିଜ୍ଞାନ । (ପରିଚ୍ଛେଦ-୨୬, '*କ୍ରିୟାଯୋଗ* ବିଜ୍ଞାନ' ଦେଖନ୍ତୁ ।)

ଏପରି ମନସ୍ତାତ୍ତ୍ୱିକ ଆଲୋଡ଼ନ ଏବଂ ଶରୀରର ଅସାମର୍ଥ୍ୟ ଯୋଗୁଁ ଅନେକ ସମୟରେ ମୁଁ ଅଝଟ ହୋଇ ରାହା ଧରି କାନ୍ଦୁଥିଲି, ମୋର ଏହି ଦୁରବସ୍ଥା ଦେଖି ପରିବାରର ଲୋକମାନେ କିଭଳି କିଂକର୍ତ୍ତବ୍ୟବିମୂଢ଼ ହେଉଥିଲେ, ତାହା ମୋର ମନେ ପଡ଼ୁଛି । ଅନେକ ଅନେକ ମଧୁର ସ୍ମୃତି - ମା'ଙ୍କର ଆଦର ଯତ୍ନ, ଦରୋଟି କଥା କହିବା, ଏବଂ ଟଳମଳ ହୋଇ ଚାଲିବା ପାଇଁ ମୋର ପ୍ରଥମ ପ୍ରଚେଷ୍ଟା - ମଧ୍ୟ ମୋର ମନେପଡ଼େ । ବାଲ୍ୟକାଳର ଏହିସବୁ ବିଜୟ ଉଲ୍ଲାସ ଅନେକେ ଭୁଲି ଯା'ନ୍ତି; କିନ୍ତୁ ଏସବୁ ହେଲା ଆତ୍ମବିଶ୍ୱାସର ସ୍ୱାଭାବିକ ମୂଳଭିତ୍ତି ।

ମୋର ସୁଦୂର-ପ୍ରସାରୀ ସ୍ମୃତିଗୁଡ଼ିକ ଯେ ପୂରାପୂରି ଅସାଧାରଣ, ତା ନୁହେଁ । ଜୀବନ ପରେ ମୃତ୍ୟୁ, ମୃତ୍ୟୁ ପରେ ପୁଣି ଜୀବନ - ଏହି ନାଟକୀୟ ପରିବର୍ତ୍ତନ ସତ୍ତ୍ୱେ ବହୁ ଯୋଗୀ ବିନାବାଧାରେ ଆତ୍ମଚେତନା ଅକ୍ଷୁଣ୍ଣ ରଖିଥିବା କଥା ଜଣା ଅଛି । ମନୁଷ୍ୟ ଯଦି କେବଳ ଗୋଟିଏ ଶରୀର ହୋଇଥା'ନ୍ତା, ତେବେ ଶରୀରର ବିନାଶ ପରେ ତା'ର ନିଜସ୍ୱ ଶେଷ ହୋଇ ଯାଆନ୍ତା । କିନ୍ତୁ ମହାପୁରୁଷମାନେ ଯୁଗ ଯୁଗ ଧରି କହିଥିବା କଥା ଯଦି ସତ୍ୟ, ତେବେ ମନୁଷ୍ୟ ହେଉଛି ପ୍ରଧାନତଃ ଏକ ଆତ୍ମା; ଏହା ଅଶରୀରୀ ଏବଂ ସର୍ବବିଦ୍ୟମାନ ।

ଅସାଧାରଣ ମନେ ହେଲେ ବି ଶୈଶବ କାଳର ନିର୍ମଳ ସ୍ମୃତି ଏକବାରେ ବିରଳ ନୁହେଁ । ଦେଶ ବିଦେଶରେ ବହୁ ଜାଗା ଭ୍ରମଣ କରିବା ସମୟରେ ଅନେକ ବିଶ୍ୱାସଯୋଗ୍ୟ ସ୍ତ୍ରୀ, ପୁରୁଷଙ୍କଠାରୁ ତାଙ୍କର ଅତି ପିଲାଦିନର କଥା ସେମାନେ ମନେ ରଖିଥିବା ବିଷୟ ମୁଁ ସେମାନଙ୍କର ତୁଣ୍ଡରୁ ଶୁଣିଛି ।

ଉତ୍ତର-ପୂର୍ବ ଭାରତରେ ହିମାଳୟ ପର୍ବତମାଳା ନିକଟରେ, ଗୋରଖପୁରଠାରେ ମୋର ଜନ୍ମ ହୋଇଥିଲା, ୧୮୯୩ ମସିହା ଜାନୁଆରୀ ୫ ତାରିଖ ଦିନ । ସେଠାରେ ମୋ ଜୀବନର ପ୍ରଥମ ଆଠବର୍ଷ କଟିଥିଲା । ବାପା ମା'ଙ୍କର ଆମେ ଥିଲୁ ଆଠଟି ସନ୍ତାନସନ୍ତତି - ଚାରି ପୁଅ, ଚାରି ଝିଅ । ମୁଁ ମୁକୁନ୍ଦ ଲାଲ ଘୋଷ*, ଥିଲି ଦ୍ୱିତୀୟ ପୁତ୍ର ଏବଂ ଚତୁର୍ଥ ସନ୍ତାନ ।

ମୋର ବାପା ମା ଉଭୟେ ବଙ୍ଗାଳୀ; ଜାତିରେ କ୍ଷତ୍ରିୟ । ଉଭୟଙ୍କର ସ୍ୱଭାବ ଥିଲା ଋଷିପ୍ରତିମ । ପରସ୍ପର ପ୍ରତି ସେମାନଙ୍କର ପ୍ରେମ ଥିଲା ଶାନ୍ତ ଏବଂ ମର୍ଯ୍ୟାଦା ସମ୍ପନ୍ନ । ତାହା କେବେ ଅସଂଯତ ଭାବରେ ପ୍ରକାଶ ପାଉ ନଥିଲା । ପିତାମାତାଙ୍କର ଶାନ୍ତ, ସୁସମଞ୍ଜସ ଜୀବନକୁ କେନ୍ଦ୍ର କରି ଗଢ଼ି ଉଠିଥିଲା ଆଠଟି ଶିଶୁଙ୍କର କୋଳାହଳପୂର୍ଣ୍ଣ ଜୀବନ ।

* ୧୯୧୫ ମସିହାରେ ମୁଁ ଯେତେବେଳେ ପୁରାତନ ସନ୍ନ୍ୟାସୀ ସମ୍ପ୍ରଦାୟରେ ଯୋଗ ଦେଲି, ପରବର୍ତ୍ତିତ ହୋଇ ମୋର ନାମ ହେଲା ଯୋଗାନନ୍ଦ । ୧୯୩୫ ମସିହାରେ ମୋର ଗୁରୁଦେବ ମୋତେ ପରମହଂସ ଉପାଧି ପ୍ରଦାନ କଲେ । (ପରିଚ୍ଛେଦ-୨୪ ଏବଂ ୪୨ ଦେଖନ୍ତୁ)

ପିତା ଭଗବତୀ ଚରଣ ଘୋଷ ଥିଲେ ଦୟାଳୁ, ଗମ୍ଭୀର ଏବଂ ସମୟ ସମୟରେ କଠୋର । ଆମେ ପିଲାମାନେ ତାଙ୍କୁ ଖୁବ୍ ଭଲ ପାଉଥିଲୁ; କିନ୍ତୁ ତାଙ୍କଠାରୁ ଆମ୍ଭେମାନେ ନିଜକୁ ସମ୍ମାନସୂଚକ ଦୂରତାରେ ରଖୁଥିଲୁ । ଗଣିତ ଓ ତର୍କଶାସ୍ତ୍ରରେ ତାଙ୍କର ବ୍ୟୁତ୍ପତ୍ତି ଥିଲା ଅସାଧାରଣ । ସେ ମୁଖ୍ୟତଃ ତାଙ୍କର ବୁଦ୍ଧି ଦ୍ୱାରା ପରିଚାଳିତ ହେଉଥିଲେ । କିନ୍ତୁ ମା' ଥିଲେ ହୃଦୟର ରାଣୀ; କେବଳ ସ୍ନେହ ମାଧ୍ୟମରେ ସେ ଆମକୁ ଶିକ୍ଷା ଦେଉଥିଲେ । ତାଙ୍କର ମୃତ୍ୟୁ ପରେ ବାପା ତାଙ୍କର ହୃଦୟର କୋମଳତାକୁ ଟିକିଏ ଅଧିକ ପ୍ରକାଶ କରିବାକୁ ଲାଗିଲେ । ମୁଁ ଲକ୍ଷ୍ୟ କରି ଦେଖିଛି, ଅନେକ ସମୟରେ ବାପାଙ୍କ ଆଖିରେ ମା'ଙ୍କର ସ୍ନେହକୋମଳ ଭାବ ଦେଖିବାକୁ ମିଳିଲା ।

ମା'ଙ୍କ ଯୋଗୁଁ ଶାସ୍ତ୍ର ପୁରାଣ ସହିତ ଆମ ପିଲାମାନଙ୍କର ତିକ୍ତମଧୁର ପରିଚୟ ହୋଇଥିଲା । ଶୃଙ୍ଖଳା ରକ୍ଷା ଉଦ୍ଦେଶ୍ୟରେ ମା' ଚତୁରତାର ସହିତ ରାମାୟଣ, ମହାଭାରତରୁ ଉପଯୁକ୍ତ ଗଳ୍ପମାନ ଉଦ୍ଧାର କରୁଥିଲେ । ଏହା ଦ୍ୱାରା ଶିକ୍ଷା ଏବଂ ଦଣ୍ଡବିଧାନ ଉଭୟ ଏକ ସଙ୍ଗେ ସମ୍ପାଦିତ ହେଉଥିଲା ।

ଉପର ଓଳି, ବାପା ଅଫିସ୍‌ରୁ ଫେରିବା ସମୟରେ, ତାଙ୍କୁ ସମ୍ମାନର ସହିତ ସ୍ୱାଗତ ଜଣାଇବା ଉଦ୍ଦେଶ୍ୟରେ ମା' ସବୁ ପିଲାଙ୍କୁ ଯତ୍ନର ସହିତ ପୋଷାକପତ୍ର ପିନ୍ଧାଇ ଦେଉଥିଲେ । ଭାରତର ବଡ଼ ବଡ଼ କମ୍ପାନୀମାନଙ୍କ ମଧ୍ୟରେ ଅନ୍ୟତମ ବେଙ୍ଗଲ ନାଗପୁର ରେଳବାଇ କମ୍ପାନୀରେ ବାପା ଉପସଭାପତି ସ୍ତରର ଏକ ପଦବୀରେ ଅଧିଷ୍ଠିତ ଥିଲେ । କର୍ତ୍ତବ୍ୟ ଅବସରରେ ତାଙ୍କୁ ବହୁତ ବୁଲିବାକୁ ପଡୁଥିଲା । ମୋର ପିଲାଦିନେ ଆମ ପରିବାର ବିଭିନ୍ନ ସହରରେ ବାସ କରିଥିଲେ ।

ଦୀନଦୁଃଖୀଙ୍କ ପାଇଁ ମା' ଥିଲେ ମୁକ୍ତହସ୍ତା । ବାପା ମଧ୍ୟ ଦୟାଳୁ, କିନ୍ତୁ ଆଇନ୍ ଶୃଙ୍ଖଳା ପ୍ରତି ତାଙ୍କର ସମ୍ମାନ ତାଙ୍କର ବଦାନ୍ୟତାକୁ ଆୟ-ବ୍ୟୟର ଅଟକଳ ଭିତରେ ସୀମିତ ରଖିଥିଲା । ଥରେ ମା' ପନ୍ଦର ଦିନ ଭିତରେ ବାପାଙ୍କର ମାସିକ ଆୟରୁ ଅଧିକ ଦରିଦ୍ର ଭୋଜନରେ ଖର୍ଚ୍ଚ କରିଦେଲେ । ବାପା କହିଲେ, "ମୁଁ କେବଳ ଏତିକି କହୁଛି ଯେ ତୁମେ ତୁମର ଦାନ, ଖଇରାତ୍‌କୁ ଏକ ଯୁକ୍ତିଯୁକ୍ତ ସୀମା ଭିତରେ ରଖ ।" ସ୍ୱାମୀଙ୍କର ଏହି ମୃଦୁ ଭର୍ତ୍ସନା ମଧ୍ୟ ମା'ଙ୍କ ମନରେ ଦାରୁଣ ଆଘାତ ଦେଲା । ମନୋମାଳିନ୍ୟର କୌଣସି ସୂଚନା ପିଲାମାନଙ୍କୁ ନ ଦେଇ ମା' ଖଣ୍ଡିଏ ଘୋଡ଼ାଗାଡ଼ି ଡକାଇ ପଠାଇଲେ ।

"ଆଚ୍ଛା! ମୁଁ ମୋର ବାପ ଘରକୁ ଯାଉଛି" – ପୁରୁଣା କାଳରୁ ଚଳି ଆସୁଥିବା ଧମକ!

ଅତ୍ୟନ୍ତ ଆଶ୍ଚର୍ଯ୍ୟ ହୋଇ ଆମ୍ଭେମାନେ କାନ୍ଦଣାର ରୋଳ ଛୁଟାଇ ଦେଲୁ । ଭାଗ୍ୟବଶତଃ

ଠିକ୍ ସମୟରେ ଆମର ମାମୁଁ ଆସି ପହଞ୍ଚିଗଲେ । ନିଃସନ୍ଦେହ ଭାବରେ ଯୁଗଯୁଗରୁ ସଂଗୃହୀତ ହିତୋପଦେଶରୁ କେତୋଟି ସେ ବାପାଙ୍କ କାନରେ ଚୁପ୍‌ଚୁପ୍ କରି କହିଲେ । ବାପା ମା'ଙ୍କୁ କଅଁଳେଇ, ସଅଁଳେଇ ଦୁଇ ଚାରିପଦ କଥା କହିବା ପରେ ମା' ଖୁସି ହୋଇ ଘୋଡ଼ାଗାଡ଼ିକୁ ଫେରାଇ ଦେଲେ । ବାପା, ମା'ଙ୍କ ମଧ୍ୟରେ ଯେଉଁ ଏକମାତ୍ର କଳହ ମୁଁ ଦେଖିଥିଲି, ତା'ର ସମାପ୍ତି ଏହିପରି ହୋଇଥିଲା । କିନ୍ତୁ ସେ ଦୁହିଁଙ୍କ ମଧ୍ୟରେ ଏକ ବିଶେଷ ଧରଣର ବିବାଦ ମୋର ମନେ ପଡୁଛି ।

"ଜଣେ ହତଭାଗିନୀ ନାରୀ ଆସି ଏହିକ୍ଷଣି ଆମ ଦୁଆରେ ପହଞ୍ଚିଛି । ଦୟାକରି ତା ପାଇଁ ମୋତେ ଦଶଟି ଟଙ୍କା ଦିଅ ।" ମା'ଙ୍କର ସ୍ମିତହାସ୍ୟରେ ଥିଲା ବାପାଙ୍କୁ ଏ କାର୍ଯ୍ୟରେ ପ୍ରବର୍ତ୍ତାଇବାର ଶକ୍ତି ।

"ଦଶ ଟଙ୍କା କାହିଁକି ? ଟଙ୍କାଟିଏ ଯଥେଷ୍ଟ ।" ନିଜ କଥାକୁ ସମର୍ଥନ କରିବା ପାଇଁ ବାପା ପୁଣି କହିଲେ, "ଯେତେବେଳେ ମୋର ବାପା, ଜେଜେବାପା ଓ ଜେଜେ ମା' ହଠାତ୍ ମରିଗଲେ, ଦାରିଦ୍ର୍ୟର ପ୍ରଥମ ଅଭିଜ୍ଞତା ମୋର ହେଲା । ମାଇଲ୍ ମାଇଲ୍ ବାଟ ପାଦରେ ଚାଲି ଚାଲି ସ୍କୁଲକୁ ଯିବା ପୂର୍ବରୁ ପ୍ରାତଃ ଭୋଜନ ପାଇଁ ମୋ ପାଖରେ ଛୋଟ କଦଳୀଟିଏ ଛଡ଼ା ଆଉ କିଛି ନଥାଏ । ପରେ ବିଶ୍ୱବିଦ୍ୟାଳୟରେ ପଢ଼ିବା ବେଳେ ବହୁତ ଅଭାବ ହେବାରୁ ଜଣେ ଧନୀ ବିଚାରପତିଙ୍କୁ ମାସକୁ ଗୋଟିଏ ଟଙ୍କା ସାହାଯ୍ୟ କରିବା ପାଇଁ ମୁଁ ପ୍ରାର୍ଥନା କରିଥିଲି । ସେ ମନା କରିଦେଇ କହିଥିଲେ ଯେ ଗୋଟିଏ ଟଙ୍କା ମଧ୍ୟ ମୂଲ୍ୟବାନ୍ ।"

ମା'ଙ୍କ ମନରେ ଗୋଟିଏ ଯୁକ୍ତି ହଠାତ୍ ଉଦୟ ହେଲା, "ଟଙ୍କାଟିଏ ପାଇଁ ସେ ମନା କରି ଦେଇଥିବା କଥାଟି ତୁମେ କେତେ ତିକ୍ତ ଭାବରେ ମନେ ରଖିଛ ! ତୁମେ କ'ଣ ଚାହୁଁଛ ଯେ ଏହି ସ୍ତ୍ରୀ ଲୋକଟି ମଧ୍ୟ ତା'ର ଜରୁରୀ ଦରକାର ଥିବା ଦଶଟା ଟଙ୍କା ନ ପାଇ ଏହି ଘଟଣାଟିକୁ ସବୁବେଳେ ଦୁଃଖରେ ମନେ ରଖିଥାଉ ?"

"ତୁମେ ଜିତିଲ", ପରାଜିତ ସ୍ୱାମୀମାନଙ୍କର ଚିରାଚରିତ ଭଙ୍ଗୀରେ ବାପା ନିଜର ଟଙ୍କାଥଳିକୁ ମା'ଙ୍କୁ ବଢ଼ାଇ ଦେଇ କହିଲେ, "ଦଶଟଙ୍କିଆ ନୋଟ୍ ଖଣ୍ଡିଏ ନିଅ । ମୋର ଶୁଭେଚ୍ଛା ସହିତ ନୋଟ୍ ଖଣ୍ଡିକ ତାକୁ ଦିଅ ।"

ବାପାଙ୍କର ପ୍ରକୃତି ଥିଲା କୌଣସି ନୂତନ ପ୍ରସ୍ତାବଟିଏ ଆସିଲେ ପ୍ରଥମେ 'ନା' କହିବା । ଅପରିଚିତା ଏତେ ଶୀଘ୍ର ମା'ଙ୍କର ସହାନୁଭୂତି ଲାଭ କରିପାରିଥିଲା । କିନ୍ତୁ ତା ପ୍ରତି ବାପାଙ୍କର ମତିଗତି ଥିଲା ତାଙ୍କର ଚିରାଚରିତ ସତର୍କତାର ଏକ ଉଦାହରଣ । କୌଣସି ବିଷୟ ହଠାତ୍ ଗ୍ରହଣ କରିନେବା ପାଇଁ ଅନିଚ୍ଛା ପ୍ରକାଶର କାରଣ ହେଲା, 'ବୁଝି ବିଚାରି କାର୍ଯ୍ୟ କରିବା'

ନୀତି ପ୍ରତି ତାଙ୍କର ସମ୍ମାନ ପ୍ରଦର୍ଶନ । ମୁଁ ଦେଖିଛି ବାପା ଥିଲେ ସବୁବେଳେ ବିଚାରବନ୍ତ; ତାଙ୍କର ବିଚାର ନିକିତିରେ ତଉଲିଲା ପରି ସମତୁଲ । ଛୁଟିରେ ବୁଲିଯିବା ହେଉ ବା ନୂଆ ମଟର ସାଇକେଲ୍‌ଟିଏ କିଣିବା ପାଇଁ ହେଉ – ମୋର ଅସଂଖ୍ୟ ଅନୁରୋଧକୁ ମୁଁ ଯଦି ଗୋଟିଏ ଦୁଇଟି ଉତ୍ତମ ଯୁକ୍ତି ଦ୍ୱାରା ସୁଦୃଢ଼ କରିପାରୁଥିଲି, ତେବେ ମୋର ଅଭିଳାଷ ସେ ନିଶ୍ଚିତ ଭାବେ ପୂରଣ କରୁଥିଲେ । ନିଜ ପିଲାମାନଙ୍କର ବାଲ୍ୟଜୀବନରେ ବାପା ଥିଲେ କଠୋର ନିୟମ ଶୃଙ୍ଖଳା ରକ୍ଷାକାରୀ । ତାଙ୍କର ନିଜର ଜୀବନଯାପନ ପ୍ରଣାଳୀ ଥିଲା ପ୍ରକୃତରେ ବିଳାସବିମୁଖ । ଉଦାହରଣ ସ୍ୱରୂପ, ସେ କେବେ ଥିଏଟର୍ ଦେଖି ଯାଉନଥିଲେ । ଚିତ୍ତବିନୋଦନ ପାଇଁ ସେ ବିଭିନ୍ନ ଆଧ୍ୟାତ୍ମିକ ସାଧନା ଏବଂ ଭଗବଦ୍ ଗୀତା ପାଠ କରୁଥିଲେ । ସମସ୍ତ ପ୍ରକାର ବିଳାସ ପରିତ୍ୟାଗ କରି ସେ ଛିଣ୍ଡି ନଯିବା ପର୍ଯ୍ୟନ୍ତ ହଳେ ପୁରୁଣା ଜୋତା ବ୍ୟବହାର କରୁଥିଲେ । ମଟର ଗାଡ଼ି ଲୋକପ୍ରିୟ ହେବା ପରେ ତାଙ୍କର ପୁଅମାନେ ମଟର ଗାଡ଼ି କିଣିଲେ, କିନ୍ତୁ ସେ ନିଜେ ଦୈନନ୍ଦିନ ଅଫିସ୍ ଯିବା ଆସିବା ପାଇଁ ହାତଟଣା ରିକ୍ସା ବ୍ୟବହାର କରି ସନ୍ତୁଷ୍ଟ ହେଉଥିଲେ ।

କ୍ଷମତା ପାଇଁ ଅର୍ଥ ଜମା କରିବାକୁ ବାପା କେବେ ମନ ବଳାଇ ନଥିଲେ । ଥରେ କଲିକତା ଅର୍ବାନ୍ ବ୍ୟାଙ୍କ ଗଢ଼ି ତୋଳିବା ପରେ ସେଥିରେ ନିଜେ ଅଂଶୀଦାର ହୋଇ ଉପକୃତ ହେବାକୁ ବାପା ମନା କରି ଦେଇଥିଲେ । ତାଙ୍କର ଲକ୍ଷ୍ୟ ଥିଲା, ଅବସର ସମୟରେ ଜଣେ ସୁନାଗରିକ ରୂପେ କର୍ତ୍ତବ୍ୟ ସମ୍ପାଦନ କରିବା ।

ବାପା ଚାକିରିରୁ ଅବସର ନେଇ ପେନସନ୍ ପାଇବାର ବହୁ ବର୍ଷ ପରେ ବେଙ୍ଗଲ୍ ନାଗପୁର ରେଳବାଇ କମ୍ପାନୀର ହିସାବପତ୍ର ଯାଞ୍ଚ କରିବା ପାଇଁ ଇଂଲଣ୍ଡରୁ ଜଣେ ହିସାବ ସମୀକ୍ଷକ ଆସିଥିଲେ । ହିସାବ ସମୀକ୍ଷକ ଆଶ୍ଚର୍ଯ୍ୟ ହୋଇ ଆବିଷ୍କାର କଲେ ଯେ ଅନେକ ବର୍ଷ ବିତି ଯାଇଥିଲେ ହେଁ ବାପା କେବେହେଲେ ନିଜର ପ୍ରାପ୍ୟ ବୋନସ୍ ପାଇଁ ଦରଖାସ୍ତ କରିନାହାନ୍ତି ।

ସେ ଏକା ତିନିଜଣ ଲୋକଙ୍କର କାମ କରିଛନ୍ତି ବୋଲି ହିସାବ ସମୀକ୍ଷକ କମ୍ପାନୀକୁ ଲେଖି ଜଣାଇଦେଲେ ଯେ ପିଛିଲା କ୍ଷତିପୂରଣ ବାବଦରେ ତାଙ୍କର କମ୍ପାନୀଠାରୁ ଏକ ଲକ୍ଷ ପଚିଶ ହଜାର ଟଙ୍କା (୪୧.୨୫୦ ଡଲାର) ପାଇବାର ଅଛି । ସେତିକି ଟଙ୍କାର ଚେକ୍ ଖଣ୍ଡିଏ କୋଷାଧ୍ୟକ୍ଷ ବାପାଙ୍କ ପାଖକୁ ପଠାଇଦେଲେ । ଏହି ବିଷୟଟିକୁ ବାପା ଏତେ ଛୋଟ ମନେ କରିଥିଲେ ଯେ ଏ କଥା ପରିବାରରେ କାହାକୁ କହିବାକୁ ସେ ଭୁଲି ଯାଇଥିଲେ । ଅନେକ ଦିନ ପରେ ମୋର ସବା ସାନ ଭାଇ ବିଷ୍ଣୁ ବ୍ୟାଙ୍କ ଫର୍ଦ୍ଦରେ ଏତେବଡ଼ ଏକ ମୋଟା ଟଙ୍କା ଜମା ହୋଇଥିବା ଦେଖି ପ୍ରଶ୍ନ ପଚାରିବାରୁ ବାପା ଉତ୍ତର ଦେଇଥିଲେ, "ଭୌତିକ ଲାଭରେ

କାହିଁକି ଆନନ୍ଦିତ ହେଉଛ ? ମନକୁ ସମଭାବାପନ୍ନ କରି ରଖିବା ଜୀବନର ଲକ୍ଷ୍ୟ ବୋଲି ଯିଏ ବିଚାରେ, ସେ ଲାଭରେ ଉଲ୍ଲସିତ ହୁଏ ନାହିଁ କି କ୍ଷତିରେ ବିଷଣ୍ଣ ହୁଏ ନାହିଁ । ସେ ଜାଣେ ଯେ ମନୁଷ୍ୟ ଏହି ସଂସାରକୁ କପର୍ଦ୍ଦକଶୂନ୍ୟ ହୋଇ ଆସେ, ଏବଂ ସାଥିରେ ଗୋଟିଏ ହେଲେ ପଇସା ନ ନେଇ ବିଦାୟ ନିଏ ।”

ବୈବାହିକ ଜୀବନର ପ୍ରାରମ୍ଭରେ ମୋର ବାପା ଏବଂ ମା କାଶୀର ଜଣେ ପ୍ରଖ୍ୟାତ ଗୁରୁ, ଲାହିଡ଼ୀ ମହାଶୟଙ୍କର ଶିଷ୍ୟତ୍ୱ ଗ୍ରହଣ କରିଥିଲେ । ଏହି ସମ୍ପର୍କ ବାପାଙ୍କର ସ୍ୱାଭାବିକ ଋଷିପ୍ରାଣକୁ ଆହୁରି ସୁଦୃଢ଼ କରିଥିଲା । ଥରେ ମୋର ବଡ଼ ଭଉଣୀ ରୋମା ଆଗରେ ମା ଏକ ଅଦ୍ଭୁତ ସ୍ୱୀକାରୋକ୍ତି କରିଥିଲେ – “ତୋର ବାପା ଓ ମୁଁ ବର୍ଷକରେ ଗୋଟିଏ ଥର ମାତ୍ର ସନ୍ତାନ ଲାଭ ଉଦ୍ଦେଶ୍ୟରେ ସ୍ୱାମୀ–ସ୍ତ୍ରୀ ଭାବରେ ଏକାଠି ଶୋଉଥିଲୁ ।”

ବାପା ଅବିନାଶବାବୁ ନାମକ ଜଣେ ବେଙ୍ଗଲ୍ ନାଗପୁର ରେଳବାଇ କର୍ମଚାରୀ ଜରିଆରେ ଲାହିଡ଼ୀ ମହାଶୟଙ୍କର ଦର୍ଶନ ପାଇଥିଲେ । ଗୋରଖପୁରଠାରେ ଅବିନାଶ ବାବୁ ଭାରତର ବହୁ ସାଧୁସନ୍ନ୍ୟାସୀଙ୍କ ବିଷୟରେ ଚିତ୍ତାକର୍ଷକ ଗଳ୍ପମାନ କହି ମୋର ପିଲାମନ ଭରି ଦେଉଥିଲେ । ସବୁବେଳେ ତାଙ୍କର ଗୁରୁଙ୍କର ମହିମା କୀର୍ତ୍ତନ ସହିତ ସେ ତାଙ୍କର ଗଳ୍ପ ଶେଷ କରୁଥିଲେ ।

“ଯେଉଁ ଅସାଧାରଣ ପରିସ୍ଥିତିରେ ତୁମର ବାପା ଲାହିଡ଼ୀ ମହାଶୟଙ୍କର ଶିଷ୍ୟ ହୋଇଥିଲେ, ସେ କଥା ତୁମେ କେବେ ଶୁଣିଛ କି ?” ଏହା ଥିଲା ଗ୍ରୀଷ୍ମକାଳୀନ ଏକ ଅଳସ ଅପରାହ୍ନ । ଅବିନାଶବାବୁ ଏବଂ ମୁଁ ଘରର ହତା ଭିତରେ ଏକାଠି ବସିଥିଲୁ । ସେହି ସମୟରେ ଅବିନାଶବାବୁ ଏହି ରହସ୍ୟପୂର୍ଣ୍ଣ ପ୍ରଶ୍ନଟି ମତେ ପଚାରିଥିଲେ । ଗଳ୍ପ ଶୁଣିବା ଆଶାରେ ମୁଁ ଟିକିଏ ହସି ମୁଣ୍ଡ ହଲାଇଲି ।

“ବହୁତ ବର୍ଷ ପୂର୍ବର କଥା । ତୁମେ ଜନ୍ମ ହୋଇନଥାଅ । ଥରେ ମୋର ଉପରିସ୍ଥ ହାକିମ ଅର୍ଥାତ୍ ତୁମର ବାପାଙ୍କୁ ଏକ ସପ୍ତାହ ଛୁଟି ମାଗିଲି, କାଶୀ ଯାଇ ସେଠାରେ ମୋର ଗୁରୁଙ୍କୁ ଦର୍ଶନ କରିବା ପାଇଁ । ତୁମ ବାପା ମୋର ଯୋଜନାକୁ ଉପହାସ କରି କହିଲେ – ‘ଧର୍ମ ଧର୍ମ ବୋଲି ପାଗଳ ହୋଇଯିବ ନା କ’ଣ ? ଯଦି ଉନ୍ନତି କରିବାକୁ ଚାହଁ, ତେବେ ଅଫିସ୍ କାମରେ ମନ ଦିଅ ।’

“ସେଦିନ ବିଷଣ୍ଣ ମନରେ ମୁଁ ଗୋଟାଏ ଜଙ୍ଗଲିଆ ରାସ୍ତା ଦେଇ ଚାଲି ଚାଲି ଘରକୁ ଫେରୁଥିଲି । ବାଟରେ ଦେଖିଲି, ତୁମର ବାପା ପାଲିଙ୍କି ଚଢ଼ି ଯାଉଛନ୍ତି । ପାଲିଙ୍କି ଏବଂ ବାହକମାନଙ୍କୁ ବିଦାୟ କରି ଦେଇ ସେ ମୋ ସାଙ୍ଗରେ ଚାଲିବାକୁ ଲାଗିଲେ । ସେ ମୋତେ

ସାନ୍ତ୍ୱନା ଦେବାକୁ ଚେଷ୍ଟା କରି ପ୍ରଗାଢ଼ ଉଦ୍ୟମ ଫଳରେ କିପରି ସାଂସାରିକ ଉନ୍ନତି ଏବଂ ସଫଳତା ମିଳେ, ସେସବୁ କହିବାକୁ ଲାଗିଲେ । ମୁଁ ତାଙ୍କ କଥା ସବୁ କିନ୍ତୁ ଉଦାସ ଭାବରେ ଶୁଣୁଥାଏ; ମୁଁ ମନେ ମନେ କେବଳ ଗୋଟିଏ କଥା ଘୋଷୁଥାଏ – "ଲାହିଡ଼ୀ ମହାଶୟ! ଆପଣଙ୍କୁ ନ ଦେଖି ମୁଁ ବଞ୍ଚି ପାରିବି ନାହିଁ ।"

"ଆମ ବାଟରେ ପଡ଼ିଲା ଗୋଟାଏ ନିରୋଳା ପଡ଼ିଆ । ବଣୁଆ ଡେଙ୍ଗା ଡେଙ୍ଗା ଘାସସବୁ ପବନରେ ତରଙ୍ଗ ଭଳି ଦୋହଲୁଥିଲା; ତା ଉପରେ ପଡ଼ୁଥିଲା ଅପରାହ୍ନର ଶେଷ ସୂର୍ଯ୍ୟକିରଣ । ଏହି ଦୃଶ୍ୟ ଉପଭୋଗ କରିବା ପାଇଁ ଆମେ ଦୁହେଁ ଟିକିଏ ଅଟକିଗଲୁ । ଆମଠାରୁ ମାତ୍ର ଅଳ୍ପ କେତେ ଗଜ ଦୂରରେ, ହଠାତ୍ ମୋର ମହାନ ଗୁରୁ ସଶରୀରେ ଆବିର୍ଭୂତ ହେଲେ ।*

" 'ଭଗବତୀ! ତୁମର ଅଧସ୍ତନ କର୍ମଚାରୀମାନଙ୍କ ପ୍ରତି ତୁମେ ଅତ୍ୟନ୍ତ କଠୋର ।'

"ଆମେ ଦୁହେଁ ଆଶ୍ଚର୍ଯ୍ୟ ହୋଇ ତାଙ୍କର କଣ୍ଠସ୍ୱରର ପ୍ରତିଧ୍ୱନି ଶୁଣୁଥିଲୁ । ସେ ଯେପରି ରହସ୍ୟଜନକ ଭାବରେ ଆସିଥିଲେ, ସେହିପରି ଅନ୍ତର୍ହିତ ହୋଇଗଲେ । ଆଣ୍ଠୁମାଡ଼ି ବସି ମୁଁ କେବଳ ଚିତ୍କାର କରୁଥିଲି,

" 'ଲାହିଡ଼ୀ ମହାଶୟ! ଲାହିଡ଼ୀ ମହାଶୟ!' କିଛିକ୍ଷଣ ପାଇଁ ତୁମର ବାପା ଆଶ୍ଚର୍ଯ୍ୟରେ ସ୍ଥାଣୁ ଏବଂ ସ୍ତବ୍ଧ ହୋଇଗଲେ ।

"ଅବିନାଶ, ମୁଁ ତୁମକୁ ଖାଲି ଛୁଟି ଦେଉନି, ମୁଁ ନିଜେ ଛୁଟି ନେଇ କାଲି କାଶୀ ଯିବି । ତୁମ ପାଇଁ ଅନୁରୋଧ କରିବା ସକାଶେ ଇଚ୍ଛା କରିବା ମାତ୍ରେ ଯିଏ ରୂପ ଧାରଣ କରି ଆବିର୍ଭୂତ ହୋଇପାରନ୍ତି, ସେହି ମହାନ ଲାହିଡ଼ୀ ମହାଶୟଙ୍କୁ ମୁଁ ନିଶ୍ଚୟ ଜାଣିବି । ମୁଁ ମୋର ସ୍ତ୍ରୀଙ୍କୁ ସଂଗରେ ନେବି ଏବଂ ଆଧ୍ୟାତ୍ମିକ ମାର୍ଗରେ ଆମ୍ଭମାନଙ୍କୁ ଦୀକ୍ଷା ଦେବା ପାଇଁ ଏହି ମହାତ୍ମାଙ୍କୁ ଅନୁରୋଧ କରିବି । ତୁମେ ଆମ ଦୁହିଁଙ୍କୁ ତାଙ୍କ ନିକଟକୁ ନେଇ ଯିବ କି?"

" 'ଅବଶ୍ୟ, ଆନନ୍ଦରେ ନେବି ।' ମୋ ପ୍ରାର୍ଥନାର ଫଳ ଯେପରି ଆଶ୍ଚର୍ଯ୍ୟଜନକ ଭାବରେ ମିଳିଲା ଏବଂ ଘଟଣାଚକ୍ରର ଅନୁକୂଳ ପରିବର୍ତ୍ତନ ଲକ୍ଷ୍ୟ କରି ମୋର ମନ ଆନନ୍ଦରେ ଭରିଗଲା ।"

"ତା ଆରଦିନ ସନ୍ଧ୍ୟାରେ ତୁମର ପିତା, ମାତା ଏବଂ ମୁଁ କାଶୀ ଯିବା ପାଇଁ ରେଳଗାଡ଼ି ଧରିଲୁ । କାଶୀରେ ତା ପରଦିନ ପହଞ୍ଚି କିଛିବାଟ ଘୋଡ଼ାଗାଡ଼ିରେ ଓ ତା ପରେ ଅଣଓସାରିଆ ଗଳିମାନଙ୍କରେ ପାଦରେ ଚାଲି ଚାଲି ଯାଇ ଗୁରୁଦେବଙ୍କର ନିଛାଟିଆ ଘରେ ପହଞ୍ଚିଲୁ ।

* 'ଅଲୌକିକ ଘଟଣାର ନିୟମ', –ପରିଚ୍ଛେଦ ୩୦ରେ ଗୁରୁମାନଙ୍କର ମହାନ ଶକ୍ତି ବିଷୟ ବୁଝାଇ ଦିଆଯାଇଛି ।

"ସେ ତାଙ୍କର ଚିର ଅଭ୍ୟସ୍ତ ପଦ୍ମାସନରେ ଗୋଟିଏ ଛୋଟ ବୈଠକଖାନାରେ ବସିଥିଲେ । ତାଙ୍କୁ ଆମେ ପ୍ରଣାମ କଲୁ । ସେ ତାଙ୍କର ଅନ୍ତର୍ଭେଦୀ ଚକ୍ଷୁ ଦୁଇଟି ସାମାନ୍ୟ ଖୋଲି, ତୁମର ପିତାଙ୍କ ଉପରେ ଦୃଷ୍ଟି ରଖି କହିଲେ, 'ଭଗବତୀ! ତୁମର ଅଧସ୍ତନ କର୍ମଚାରୀଙ୍କ ପ୍ରତି ତୁମେ ଅତ୍ୟଧିକ କଠୋର' – ଦୁଇଦିନ ପୂର୍ବେ ଘାସ ପଡ଼ିଆରେ ସେ ଯେଉଁ କଥା କହିଥିଲେ, ଠିକ୍ ସେହି ଶବ୍ଦ । ସେ ପୁଣି କହିଲେ, 'ତୁମେ ଅବିନାଶକୁ ମୋତେ ଦେଖିବା ପାଇଁ ଅନୁମତି ଦେଇଛ ଏବଂ ତା ସଙ୍ଗେ ତୁମେ ତୁମର ସ୍ତ୍ରୀଙ୍କ ସହିତ ଆସିଛ, ଏଥିରେ ମୁଁ ଖୁସି ହୋଇଛି ।'

"ତୁମର ପିତାମାତାଙ୍କୁ ସେ ଅଧ୍ୟାତ୍ମ-ମାର୍ଗ *କ୍ରିୟାଯୋଗ*ରେ* ଦୀକ୍ଷିତ ହେବାର ଆନନ୍ଦ ପ୍ରଦାନ କଲେ । ଗୁରୁ ଦର୍ଶନର ସେହି ସ୍ମରଣୀୟ ଦିବସଠାରୁ ତୁମ ବାପା ଓ ମୁଁ ଗୁରୁ ଭାଇ ହିସାବରେ ଘନିଷ୍ଠ ବନ୍ଧୁ ହୋଇଗଲୁ । ତୁମର ଜନ୍ମ ସମ୍ବନ୍ଧରେ ଲାହିଡ଼ୀ ମହାଶୟ ନିର୍ଦ୍ଦିଷ୍ଟ ଆଗ୍ରହ ପ୍ରକାଶ କରିଥିଲେ । ତୁମର ଜୀବନ ନିଶ୍ଚୟ ତାଙ୍କ ଜୀବନ ସହିତ ସଂଯୁକ୍ତ ହେବ; ଗୁରୁଙ୍କର ଆଶୀର୍ବାଦ କେବେ ବିଫଳ ହୁଏ ନାହିଁ ।"

ମୋର ଜନ୍ମର ଅଳ୍ପ କେତେବର୍ଷ ପରେ ଲାହିଡ଼ୀ ମହାଶୟ ସଂସାରରୁ ବିଦାୟ ନେଇଥିଲେ । ଚାକିରି ଜୀବନରେ ଅନେକ ସହରକୁ ବାପାଙ୍କର ବଦଳି ହୋଇଥିଲା । ସବୁ ଜାଗାରେ ପରିବାରର ପୂଜାଘରେ ଲାହିଡ଼ୀ ମହାଶୟଙ୍କର ଖଣ୍ଡିଏ ଫଟୋ କାରୁକାର୍ଯ୍ୟ ଖଚିତ ଗୋଟିଏ ଫ୍ରେମ୍‌ରେ ବନ୍ଧା ହୋଇ ଶୋଭା ପାଉଥାଏ । ଅଧିକାଂଶ ଦିନ ସକାଳ ସନ୍ଧ୍ୟାରେ, ମା ଏବଂ ମୁଁ ଏକ କାମଚଳା ପୂଜାଘରେ ସୁଗନ୍ଧ ଚନ୍ଦନବୋଳା ଫୁଲ ଅର୍ପଣ କରି ଧ୍ୟାନ କରୁଥିଲୁ । ଗୁଗୁଳର ସୁଗନ୍ଧ ସହିତ ଆମ ଦୁହିଁଙ୍କର ମିଳିତ ହୃଦୟର ଭକ୍ତି ନୈବେଦ୍ୟ ପୂର୍ଣ୍ଣବ୍ରହ୍ମ-ସ୍ୱରୂପ ଲାହିଡ଼ୀ ମହାଶୟଙ୍କୁ ଆମର ଶ୍ରଦ୍ଧା ନିବେଦନ କରୁଥିଲା ।

ମୋର ଜୀବନ ଉପରେ ଲାହିଡ଼ୀ ମହାଶୟଙ୍କର ଛବି ଖଣ୍ଡିକର ସର୍ବାଧିକ ପ୍ରଭାବ ପଡ଼ିଥିଲା । ମୋ ବୟସ ବଢ଼ିବା ସହିତ ମୋ ଭିତରେ ଗୁରୁଙ୍କର ଚିନ୍ତା ବଢ଼ିଲା । ମୁଁ ଧ୍ୟାନରେ ବସିବା ବେଳେ ଅନେକ ସମୟରେ ଦେଖେ ଯେ ଛବିରେ ଥିବା ତାଙ୍କର ମୂର୍ତ୍ତି ଛୋଟ ଫଟୋଫ୍ରେମ୍‌ଟି ଭିତରୁ ବାହାରି ଆସି ଜୀବନ୍ତ ରୂପ ଧରି ମୋ ଆଗରେ ବସିଛନ୍ତି । ମୁଁ ଯେତେବେଳେ ତାଙ୍କର ଜ୍ୟୋତିର୍ମୟ ଶରୀରର ପାଦ ଦୁଇଟି ଛୁଇଁବାକୁ ଚେଷ୍ଟା କରେ, ତାହା

* ଲାହିଡ଼ୀ ମହାଶୟ ଶିଖାଇଥିବା ଏକ ଯୋଗକୌଶଳ । ଏହା ଇନ୍ଦ୍ରିୟଜାତ ଆଲୋଡ଼ନକୁ ସ୍ତମ୍ଭିତ କରି ମନୁଷ୍ୟକୁ ବିଶ୍ୱଚେତନା ସହିତ କ୍ରମେ କ୍ରମେ ଏକୀଭୂତ ହେବା ପାଇଁ ଅଧିକରୁ ଅଧିକ ସୁଯୋଗ ଦିଏ । (ପରିଚ୍ଛେଦ-୨୬ ଦେଖନ୍ତୁ ।)

ପରିବର୍ତ୍ତିତ ହୋଇ ପୁଣି ଛବି ହୋଇଯାଏ । ଶୈଶବ ଅତିକ୍ରମ କରି ବାଲ୍ୟାବସ୍ଥାରେ ପ୍ରବେଶ କରି ମୁଁ ଅନୁଭବ କଲି ଯେ ଫଟୋଫ୍ରେମ୍‌ରେ ସୀମିତ ଲାହିଡ଼ୀ ମହାଶୟଙ୍କର ଛବି ଖଣ୍ଡିକ ମୋର ମନ ଭିତରେ ଏକ ଜୀବନ୍ତ ଜ୍ଞାନୋଦ୍ଦୀପକ ସତ୍ତାରେ ପରିଣତ ହୋଇ ଯାଇଛି । ମାନସିକ ଦ୍ୱନ୍ଦ୍ୱ ଏବଂ ବିପଦ ବେଳେ ଅନେକ ସମୟରେ ମୁଁ ତାଙ୍କୁ ପ୍ରାର୍ଥନା କରୁଥିଲି, ଏବଂ ଅନ୍ତର ଭିତରେ ତାଙ୍କଠାରୁ ସାନ୍ତ୍ୱନା ତଥା ଦିଗ୍‌ଦର୍ଶନ ପାଉଥିଲି ।

ସେ ସ୍ଥୂଳ ଶରୀରରେ ନଥିବାରୁ ପ୍ରଥମେ ପ୍ରଥମେ ମୁଁ ଦୁଃଖ କରୁଥିଲି । ମାତ୍ର ଯେତେବେଳେ ମୁଁ ତାଙ୍କର ଗୋପନୀୟ ସର୍ବବିଦ୍ୟମାନତା ଆବିଷ୍କାର କଲି, ମୋର ଆଉ ଦୁଃଖ ରହିଲାନି । ଯେଉଁ ଶିଷ୍ୟମାନେ ତାଙ୍କୁ ଦେଖିବା ପାଇଁ ଅତ୍ୟଧିକ ଉତ୍ସୁକତା ପ୍ରକାଶ କରୁଥିଲେ, ସେମାନଙ୍କୁ ସେ ଚିଠିରେ ଲେଖୁଥିଲେ, "ମୋର ରକ୍ତମାଂସର ଏହି ଶରୀରଟାକୁ ଦେଖିବା ପାଇଁ ଆସୁଛ କାହିଁକି ? ମୁଁ ତ ସବୁବେଳେ ତୁମ କୂଟସ୍ଥ (ଆଧ୍ୟାତ୍ମିକ ଦୃଷ୍ଟି)ର ପରିସର ଭିତରେ ରହିଛି ।"

ମୋତେ ପ୍ରାୟ ଆଠବର୍ଷ ହୋଇଥିବା ବେଳେ ଲାହିଡ଼ୀ ମହାଶୟଙ୍କର ଆଶୀର୍ବାଦ ଫଳରେ ଥରେ ମୁଁ ତାଙ୍କ ଫଟୋ ମାଧ୍ୟମରେ ଅଦ୍ଭୁତ ଭାବରେ ଆରୋଗ୍ୟ ଲାଭ କରିଥିଲି । ଏହି ଅଭିଜ୍ଞତା ଫଳରେ ତାଙ୍କ ପ୍ରତି ମୋର ପ୍ରେମ ଆହୁରି ପ୍ରଗାଢ଼ ହୋଇଥିଲା । ସେତେବେଳେ ଆମେ ବଙ୍ଗଳାର ଇଛାପୁରଠାରେ ଥିବା ଆମ ପୈତୃକ ଜମିଦାରୀରେ ରହୁଥିଲୁ । ମୋତେ ହଇଜା ଧରିଲା । ମୋର ବଞ୍ଚିବାର ଆଶା ନଥାଏ । ଡାକ୍ତରମାନେ କିଛି କରି ପାରୁନଥାନ୍ତି । ମୋ ମୁଣ୍ଡ ଉପରେ କାଛରେ ଝୁଲୁଥିବା ଲାହିଡ଼ୀ ମହାଶୟଙ୍କର ଫଟୋ ଖଣ୍ଡିକୁ ଚାହିଁବା ପାଇଁ ମା ମୋତେ ବାରମ୍ବାର ଇସାରା କରୁଥାଆନ୍ତି ।

ସେ କହୁଥା'ନ୍ତି, "ମନେମନେ ତାଙ୍କୁ ପ୍ରଣାମ କର ।" ଦୁର୍ବଳତା ଯୋଗୁଁ ମୁଁ ହାତ ଯୋଡ଼ି ପ୍ରଣାମ କରିବାକୁ ଯେ ଅସମର୍ଥ, ଏ କଥା ମାଆ ଜାଣିଥିଲେ ।

"ତୁ ଯଦି ତୋର ପ୍ରକୃତ ଭକ୍ତି ଦେଖାଇବୁ, ଏବଂ ମନେମନେ ତାଙ୍କ ଆଗରେ ଆଣ୍ଠୁମାଡ଼ି ବସିବୁ, ତେବେ ତୋର ଜୀବନ ରକ୍ଷା ହେବ ।"

ମୁଁ ତାଙ୍କର ଫଟୋ ଆଡ଼କୁ ଚାହିଁଲି । ଦେଖିଲି, ଗୋଟାଏ ଆଖି ଝଲସିଆ ଆଲୁଅ ଆସି ମୋର ଶରୀର ଏବଂ ସମ୍ପୂର୍ଣ୍ଣ କୋଠରିକୁ ଆଲୋକିତ କଲା । ମୋର ବାନ୍ତି ଏବଂ ରୋଗର ଅନ୍ୟାନ୍ୟ ଆୟତ୍ତ-ବହିର୍ଭୂତ ଉପସର୍ଗ ସବୁ ଉଭେଇଗଲା । ମୁଁ ସୁସ୍ଥ ହେବା ସଙ୍ଗେ ସଙ୍ଗେ ମୋ ଦେହରେ ବଳ ଆସିଲା । ଗୁରୁଙ୍କ ପ୍ରତି ମା'ଙ୍କର ଅଗାଧ ବିଶ୍ୱାସକୁ ପ୍ରଶଂସା

କରି ମୁଁ ନଇଁପଡ଼ି ମା'ଙ୍କର ପାଦ ଛୁଇଁ ପ୍ରଣାମ କଲି । ମା ଛୋଟ ଫଟୋଖଣ୍ଡିକ ଆଗରେ ବାରମ୍ବାର ମୁଣ୍ଡ ଲଗାଉଥାଆନ୍ତି ଏବଂ କହୁଥାନ୍ତି, "ହେ ସର୍ବବିଦ୍ୟମାନ ଗୁରୁଦେବ! ଆପଣଙ୍କୁ ଅଶେଷ ଧନ୍ୟବାଦ । ଆପଣଙ୍କର ଆଲୋକ ମୋର ପୁଅକୁ ସୁସ୍ଥ କରିଛି ।"

ମୁଁ ଜାଣିପାରିଲି ଯେ ଯେଉଁ ଉଜ୍ଜ୍ୱଳ ଆଲୋକଶିଖା କ୍ଷଣକ ଭିତରେ ମୋତେ ରୋଗରୁ ମୁକ୍ତ କଲା, ତାକୁ ମା' ମଧ୍ୟ ଦେଖିଛନ୍ତି ।

ସେହି ଫଟୋଖଣ୍ଡିକ ମୋର ସବୁଠାରୁ ମୂଲ୍ୟବାନ ସମ୍ପତ୍ତି ଭିତରୁ ଗୋଟିଏ । ଲାହିଡ଼ୀ ମହାଶୟ ନିଜେ ସେହି ଫଟୋ ଖଣ୍ଡିକ ବାପାଙ୍କୁ ଦେଇଥିଲେ । ସେ ଫଟୋରେ ଥିଲା ଏକ ପବିତ୍ର ସ୍ପନ୍ଦନ । ଫଟୋଟିର ଆବିର୍ଭାବ ହୁଏ ଅଦ୍ଭୁତ ଭାବରେ । ସେହି ଗଳ୍ପଟି ମୁଁ ବାପାଙ୍କର ଗୁରୁଭାଇ କାଳୀକୁମାର ରାୟଙ୍କଠାରୁ ଶୁଣିଥିଲି ।

ଶୁଣାଯାଏ ଯେ ଫଟୋ ଉଠାଇବାକୁ ଗୁରୁଦେବ ସବୁବେଳେ ଅନିଚ୍ଛା ପ୍ରକାଶ କରୁଥିଲେ । ଗୁରୁଦେବଙ୍କର ପ୍ରତିବାଦ ସତ୍ତ୍ୱେ ଗୋଟାଏ ଫଟୋ ନିଆହେଲା; ସେଥିରେ କାଳୀକୁମାର ରାୟଙ୍କ ସମେତ ଅନେକ ଭକ୍ତ ସାମିଲ ଥିଲେ । ଆଶ୍ଚର୍ଯ୍ୟ ହୋଇ ଫଟୋ ଉଠାଳି ଦେଖିଲେ ଯେ ସମସ୍ତ ଭକ୍ତଙ୍କର ଆକୃତି ଫଟୋ ପ୍ଲେଟ୍‌ରେ ଯଥାସ୍ଥାନରେ ପରିଷ୍କାର ଭାବରେ ଉଠିଛି, ଅଥଚ କେନ୍ଦ୍ରସ୍ଥଳରେ, ଯେଉଁଠି ଲାହିଡ଼ୀ ମହାଶୟଙ୍କର ରୂପ ରହିଥିବ ବୋଲି ସେ ଆଶା କରୁଥିଲେ, ସେଠାରେ ଗୋଟାଏ ଶୂନ୍ୟସ୍ଥାନ ଛଡ଼ା ଆଉ କିଛି ନଥିଲା । ସେତେବେଳେ ଏହି ଘଟଣାଟି ବହୁଳ ଭାବରେ ଆଲୋଚନାର ବିଷୟବସ୍ତୁ ହୋଇଥିଲା ।

ଗୁରୁଦେବଙ୍କର ଜଣେ ଶିଷ୍ୟ, ଗଙ୍ଗାଧର ବାବୁ ଥିଲେ ଜଣେ କୁଶଳୀ ଫଟୋଗ୍ରାଫର । ସେ ସଗର୍ବେ ଘୋଷଣା କଲେ ଯେ ଗୁରୁଦେବଙ୍କର ଫଟୋ ଉଠାଇବା କାର୍ଯ୍ୟଟି ତାଙ୍କୁ ବଳିଯିବ ନାହିଁ । ପରଦିନ ସକାଳେ, ଗୁରୁଦେବ ଗୋଟିଏ କାଠ ବେଞ୍ଚ ଉପରେ ପଦ୍ମାସନରେ ବସିଲେ । ପଛରେ ଖଣ୍ଡିଏ ପରଦା ଝୁଲୁଥାଏ । ଗଙ୍ଗାଧର ବାବୁ ତାଙ୍କର ଯନ୍ତ୍ରପାତି ଧରି ପହଞ୍ଚିଲେ । ସଫଳତା ନିମିତ୍ତ ସମସ୍ତ ସାବଧାନତା ଅବଲମ୍ବନ ପୂର୍ବକ ଲୋଭ ବଶତଃ ସେ ବାରଟି ଫଟୋ ଉଠାଇଲେ । ଅଳ୍ପ ସମୟ ପରେ ସେ ଦେଖିଲେ ଯେ ପ୍ରତ୍ୟେକ ପ୍ଲେଟରେ କାଠ ବେଞ୍ଚ ଏବଂ ପରଦାର ଛବି ଠିକ୍ ଉଠିଛି, ଅଥଚ ଗୁରୁଦେବଙ୍କ ଛବି ପୁଣିଥରେ ଉଭାନ୍ ହୋଇଯାଇଛି ।

ଚୂର୍ଣ୍ଣୀଭୂତ ଅହଙ୍କାର ଓ ଆଖିରେ ଲୁହ ଧରି ଗଙ୍ଗାଧରବାବୁ ଗୁରୁଙ୍କୁ ଅନୁନୟ କଲେ । ବହୁତ ସମୟ ପରେ ଲାହିଡ଼ୀ ମହାଶୟ ତାଙ୍କର ମୌନ ଭଙ୍ଗ କରି ଗୋଟିଏ ସାରଗର୍ଭକ ମନ୍ତବ୍ୟ ଦେଲେ ।

"ମୁଁ ଯେ ଆତ୍ମା । ତୁମ କ୍ୟାମେରା କ'ଣ ଅଦୃଶ୍ୟ ନିରାକାରଙ୍କର ପ୍ରତିବିମ୍ବ ଉଠାଇ ପାରିବ ?"

"ମୁଁ ଦେଖୁଛି, ଉଠାଇ ପାରିବ ନାହିଁ । କିନ୍ତୁ ହେ ପୁଣ୍ୟାତ୍ମନ୍! ଆପଣଙ୍କ ଶରୀର ମନ୍ଦିରର ଖଣ୍ଡିଏ ଛବି ରଖିବା ପାଇଁ ମୋର ଏକାନ୍ତ ଇଚ୍ଛା । ମୋର ବୁଦ୍ଧି ଅତ୍ୟନ୍ତ ସଙ୍କୁଚିତ । ଆପଣଙ୍କ ଭିତରେ ଯେ ବ୍ରହ୍ମ ସମ୍ପୂର୍ଣ୍ଣ ରୂପେ ବିରାଜମାନ, ଏହା ମୁଁ ଆଜି ପର୍ଯ୍ୟନ୍ତ ଅନୁଭବ କରିନଥିଲି ।"

"ତାହାହେଲେ କାଲି ସକାଳେ ଆସ । ତୁମ ଫଟୋ ଉଠାଇବା ପାଇଁ ମୁଁ ବସିବି ।"

ଫଟୋଗ୍ରାଫର୍ ପୁଣିଥରେ କ୍ୟାମେରା ସଜାଡ଼ିଲେ । ଏଥର ଅଦୃଶ୍ୟମାନତାର କୌଣସି ରହସ୍ୟପୂର୍ଣ୍ଣ ଆବରଣ ନଥାଇ ଗୁରୁଦେବଙ୍କ ପବିତ୍ର ମୂର୍ତ୍ତି କ୍ୟାମେରା ପ୍ଲେଟ୍‌ରେ ପରିଷ୍କାର ଭାବରେ ପ୍ରତିଫଳିତ ହେଲା । ଅନ୍ତତଃ ମୋ ଜାଣିବାରେ ଗୁରୁଦେବ କେବେ ଅନ୍ୟ ଗୋଟିଏ ଫଟୋ ଉଠାଇବାକୁ ବସି ନଥିଲେ ।

ଫଟୋଗ୍ରାଫଟି ଏହି ବହିରେ* ମୁଦ୍ରିତ କରାହୋଇଛି । ଲାହିଡ଼ୀ ମହାଶୟଙ୍କର ସୁନ୍ଦର ସାର୍ବଜନୀନ ରୂପ ଦେଖିଲେ ସେ କୌଣସି ନିର୍ଦ୍ଦିଷ୍ଟ ଦେଶର ବା ଜାତିର ଲୋକ ବୋଲି କହିବା କଷ୍ଟକର । ତାଙ୍କ ରହସ୍ୟାବୃତ ସ୍ମିତହାସରୁ ତାଙ୍କର ଭଗବତ୍ ସାନ୍ନିଧ୍ୟଜନିତ ଆନନ୍ଦର ସାମାନ୍ୟ ସୂଚନା ମିଳିଥାଏ । ତାଙ୍କର ଚକ୍ଷୁ ଦୁଇଟି ଅର୍ଦ୍ଧନିମୀଳିତ ରହିଥିବା ଯୋଗୁଁ ବୁଝାପଡ଼େ ଯେ ବାହ୍ୟଜଗତ ପ୍ରତି ତାଙ୍କର ଆଗ୍ରହ ଅତ୍ୟନ୍ତ ସାମାନ୍ୟ । ପୁଣି ଚକ୍ଷୁ ଦୁଇଟି ଅର୍ଦ୍ଧେକ ବନ୍ଦ ରହିଥିବା ହେତୁ ସୂଚନା ମିଳେ ଯେ ସେ ଅନ୍ତରର ଆନନ୍ଦରେ ସଦା ନିମଗ୍ନ । ତୁଚ୍ଛ ସାଂସାରିକ ଆକର୍ଷଣ ପ୍ରତି ସର୍ବଦା ପରାଙ୍ମୁଖ ହୋଇଥିଲେ ହେଁ ତାଙ୍କ ବଦାନ୍ୟତାପ୍ରାର୍ଥୀ ସାଧକମାନଙ୍କର ଆଧ୍ୟାତ୍ମିକ ସମସ୍ୟା ପ୍ରତି ସେ ଥିଲେ ସର୍ବଦା ସଚେତନ ।

ଗୁରୁଦେବଙ୍କର ଫଟୋର ଶକ୍ତି ବଳରେ ଆରୋଗ୍ୟ ଲାଭ କରିବାର ଅଳ୍ପ କେତେଦିନ ପରେ ମତେ ପ୍ରଭାବିତ କଲା ଭଳି ଗୋଟିଏ ଆଧ୍ୟାତ୍ମିକ ଦୃଶ୍ୟ ଦେଖିଲି । ଦିନେ ସକାଳେ ବିଛଣା ଉପରେ ବସିଥିବାବେଳେ ମୁଁ ଗଭୀର ଚିନ୍ତାମଗ୍ନ ହୋଇ ପଡ଼ିଲି । ମନ ଭିତରେ ମୋର

* ଫଟୋ ବିଭାଗ ୧ର ପୃଷ୍ଠା ୯ ଦେଖନ୍ତୁ । ସେହି ବିଭାଗସ୍ଥ ୧୦ ପୃଷ୍ଠାରେ ଲାହିଡ଼ୀ ମହାଶୟଙ୍କ ଚିତ୍ର ମଧ୍ୟ ଦେଖନ୍ତୁ । ଭାରତରେ ଥିଲାବେଳେ ୧୯୩୫-୩୬ରେ ପରମହଂସ ଯୋଗାନନ୍ଦ ଜଣେ ବଙ୍ଗାଳୀ ଚିତ୍ରକାରଙ୍କୁ ଏହି ମୂଳ ଫଟୋଗ୍ରାଫ୍‌ର ଚିତ୍ରାଙ୍କନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ଏବଂ ପରେ ଏହି ଚିତ୍ରକୁ ଯୋଗଦା ସତ୍‌ସଙ୍ଗ ସୋସାଇଟି ଅଫ୍ ଇଣ୍ଡିଆ/ଏସ.ଆର.ଏଫ୍.ର ପ୍ରକାଶନ ମାନଙ୍କରେ ବ୍ୟବହାର ନିମିତ୍ତ ଲାହିଡ଼ୀ ମହାଶୟଙ୍କ ଔପଚାରିକ ଫଟୋରୂପେ ମନୋନୀତ କରିଥିଲେ । *(ପ୍ରକାଶକଙ୍କ ମନ୍ତବ୍ୟ)*

ଏକ ଶକ୍ତିଶାଳୀ, ଅନୁସନ୍ଧାନୀ ଚିନ୍ତା ଜାଗି ଉଠିଲା –

"ବନ୍ଦ ଚକ୍ଷୁ ଦୁଇଟିର ଅନ୍ଧକାର ପଛରେ କଅଣ ଅଛି ?" ହଠାତ୍ ମୋର ଅନ୍ତର୍ଦ୍ଦୃଷ୍ଟିରେ ଏକ ବିରାଟ ଆଲୋକଛଟା ଉଦ୍ଭାସିତ ହେଲା । ପର୍ବତ ଗୁମ୍ଫାମାନଙ୍କ ଭିତରେ ସାଧୁମାନେ ଧ୍ୟାନମୁଦ୍ରାରେ ବସିଥିବାର ଦୃଶ୍ୟ, ମୋ କପାଳର ଉଜ୍ଜ୍ୱଳ ପରଦାରେ ଛୋଟ ଚଳଚ୍ଚିତ୍ରର ଛବି ଭଳି ଦେଖାଗଲା । ମୁଁ ବଡ଼ ପାଟିରେ ପଚାରିଲି, "ଆପଣମାନେ କିଏ ?"

"ଆମ୍ଭେମାନେ ହିମାଳୟର ଯୋଗୀ ।" ଏହି ସ୍ୱର୍ଗୀୟ ଉତ୍ତରକୁ ବର୍ଣ୍ଣନା କରିବା କଷ୍ଟକର, ମୋର ଅନ୍ତର ପୁଲକିତ ହୋଇ ଉଠିଲା ।

"ଆଃ ! ହିମାଳୟକୁ ଯାଇ ଆପଣମାନଙ୍କ ପରି ହେବା ପାଇଁ ମୋର ଇଚ୍ଛା ।"

ସ୍ୱପ୍ନ ଅନ୍ତର୍ହିତ ହୋଇଗଲା, କିନ୍ତୁ ରୁପେଲି ଆଲୋକରେଖାମାନ ଚିରବର୍ଦ୍ଧିଷ୍ଣୁ ବୃତ୍ତରେ ପରିଣତ ହୋଇ ଅସୀମଙ୍କ ସହିତ ମିଶିଗଲା ।

"ଏହି ଅଦ୍ଭୁତ ଆଲୋକ କ'ଣ ?" ମେଘମନ୍ଦ୍ର ଧ୍ୱନିରେ ଉତ୍ତର ଆସିଲା, "ମୁଁ ଈଶ୍ୱର ।* ମୁଁ ଆଲୋକ ।"

"ମୁଁ ଆପଣଙ୍କ ସହିତ ମିଶି ଏକ ହେବାକୁ ଚାହେ ।" ମୋର ଦିବ୍ୟ ଆନନ୍ଦ ଧୀରେ, ଧୀରେ ହ୍ରାସ ପାଇଲା । କିନ୍ତୁ ଚିରଦିନ ପାଇଁ ମୁଁ ସେଥିରୁ ଉତ୍ତରାଧିକାର ସୂତ୍ରରେ ପାଇଲି ଭଗବତ୍ ଅନୁସନ୍ଧାନ ପାଇଁ ପ୍ରେରଣା । "ସେ ଯେ ଚିରନ୍ତନ, ନିତ୍ୟ ନୂତନ ଆନନ୍ଦ"; ଏହି ସ୍ମୃତି ବହୁଦିନ ପର୍ଯ୍ୟନ୍ତ ମୋ ମନରେ ଲାଖି ରହିଲା ।

ଆଉ ଗୋଟିଏ ବାଲ୍ୟସ୍ମୃତି ବାସ୍ତବରେ ଅବିସ୍ମରଣୀୟ; କାରଣ ସେହି କ୍ଷତଟି ଆଜିଯାଏ ମୋ ଦେହରେ ଅଛି ।

ଦିନେ ବଡ଼ି ସକାଳେ, ମୁଁ ଓ ମୋର ବଡ଼ ଭଉଣୀ ଉମା ଆମ ଗୋରଖପୁର ବଙ୍ଗଳା ଭିତରେ ଗୋଟିଏ ନିମଗଛ ତଳେ ବସିଥିଲୁ । ଖଣ୍ଡେ ବଙ୍ଗଳା ବର୍ଣ୍ଣବୋଧ ପଢ଼ିବାରେ ସେ ମୋତେ ସାହାଯ୍ୟ କରୁଥିଲା । ମୋର ଦୃଷ୍ଟି କିନ୍ତୁ ଥାଏ ପାଖ ଗଛର ପାଚିଲା ଫଳ ଖାଉଥିବା ଶୁଆମାନଙ୍କ ଉପରେ । ପଛ ଗୋଡ଼ରେ ଗୋଟେ ବଥ ଉଠିଥିବା ଅଭିଯୋଗ କରି ଉମା ଗୋଟିଏ ବୋତଲ ମଲମ ଆଣିଲା । ସେହି ମଲମରୁ ଟିକିଏ ନେଇ ମୁଁ ମୋର ଗୋଟିଏ ବାହୁର

* ଈଶ୍ୱର – ବିଶ୍ୱଶାସନ କର୍ତ୍ତା ଭାବରେ ଭଗବାନଙ୍କର ଆଉ ଗୋଟିଏ ନାମ (ଈଶ ଧାତୁ, ଶାସନ କରିବା) । ହିନ୍ଦୁ ଶାସ୍ତ୍ରରେ ଭଗବାନଙ୍କର ସହସ୍ର ନାମ ଅଛି, ପ୍ରତ୍ୟେକଟିର ଭିନ୍ନ ଭିନ୍ନ ଦାର୍ଶନିକ ଅର୍ଥ ଅଛି । ଈଶ୍ୱର ଭାବରେ ଭଗବାନଙ୍କ ଇଚ୍ଛାରେ ସମସ୍ତ ବିଶ୍ୱ ସୁନିୟନ୍ତ୍ରିତ କାଳଚକ୍ରରେ ସୃଷ୍ଟି ହୁଏ ଓ ଲୋପ ପାଏ ।

ଉପରଭାଗରେ ବୋଳିଦେଲି ।

"ଭଲ ହାତଟାରେ ଔଷଧ ଲଗାଉଛୁ କାହିଁକି ?"

"ଦେଖ୍, ମୋର ମନେ ହେଉଛି, କାଲି ମୋର ଗୋଟିଏ ବଥ ଉଠିବ, ସେଥିପାଇଁ ସେହି ଜାଗାରେ ତୋର ମଲମ ଲଗାଇ ମୁଁ ପରୀକ୍ଷା କରୁଛି ।"

"ତୁ ସୁଦୁ ମିଛୁଆଟେ ।"

"ଦେଖ୍, କାଲି ସକାଳେ କ'ଣ ଘଟିବ ନ ଦେଖିଲା ପର୍ଯ୍ୟନ୍ତ ମୋତେ ମିଛୁଆ ବୋଲି କହ ନାହିଁ ।" ମୋର ମନ ବିରକ୍ତିରେ ଭରିଗଲା ।

ଉମା ତିନିଥର ତା'ର ବ୍ୟଙ୍ଗୋକ୍ତି ଦୋହରାଇଲା । ମୁଁ ଧୀରେ ଧୀରେ ଉତ୍ତର ଦେଲାବେଳେ ମୋର କଣ୍ଠରେ ଅଦମ୍ୟ ସଂକଳ୍ପ ଧ୍ୱନିତ ହେଉଥିଲା ।

"ମୋ ଭିତରେ ଥିବା ଇଚ୍ଛାଶକ୍ତି ବଳରେ ମୁଁ କହୁଛି ଆସନ୍ତା କାଲି, ମୋ ହାତର ଠିକ୍ ଏହି ସ୍ଥାନରେ, ଗୋଟିଏ ବଡ଼ ଆକାରର ବଥ ଉଠିବ, ଏବଂ ତୋ ବଥ ଆକାରରେ ଦୁଇଗୁଣ ଫୁଲିଯିବ ।"

ସକାଳେ ଦେଖାଗଲା ଯେ ମୋର ପୂର୍ବ ସୂଚିତ ସ୍ଥାନରେ ଗୋଟାଏ ବଡ଼ ବଥ ଉଠିଛି, ଏବଂ ଉମାର ବଥ ଆକାରରେ ଦୁଇଗୁଣ ହୋଇଯାଇଛି । ଚିତ୍କାର କରି ମୋ ଭଉଣୀ ମାଆଙ୍କ ପାଖକୁ ଦୌଡ଼ିଲା ।

"ମା', ମୁକୁନ୍ଦ ଗୋଟାଏ ଗୁଣିଆ ହୋଇଗଲାଣି ।"

ମା ଗମ୍ଭୀର ହୋଇଗଲେ । କାହାର ଅନିଷ୍ଟ ସାଧନ ପାଇଁ କେବେ ବାକ୍‌ଶକ୍ତିର ବ୍ୟବହାର ନ କରିବାକୁ ସେ ମୋତେ ଉପଦେଶ ଦେଲେ । ମୁଁ ତାଙ୍କର ଉପଦେଶ ସବୁବେଳେ ମନେରଖି ଅନୁସରଣ କରୁଛି ।

ମୋର ବଥ ଉପରେ ଶଲ୍ୟ ଚିକିତ୍ସା କରାହେଲା । ଡାକ୍ତର ଯେଉଁ ଜାଗାଟି କାଟିଥିଲେ, ସେହି ଜାଗାରେ ଆଜି ପର୍ଯ୍ୟନ୍ତ ଗୋଟାଏ ଆଖି ଦୃଶିଆ କଟା ଦାଗ ରହିଛି । ସାମାନ୍ୟ କଥାରେ କିଭଳି ଶକ୍ତି ରହିଛି, ମୋର ଡାହାଣ ବାହୁର ଉପର ଆଡ଼କୁ ରହିଥିବା ଚିହ୍ନ ସର୍ବଦା ମୋତେ ତାହା ସ୍ମରଣ କରାଇ ଦେଉଛି ।

ଉମାକୁ ମୁଁ କେତୋଟି ସରଳ ଏବଂ ଆପାତ ଦୃଷ୍ଟିରେ ଅନୁପକାରୀ କଥା କହିଥିଲେ ହେଁ ଗଭୀର ଏକାଗ୍ରତା ସହିତ କୁହାଯାଉଥିବା ହେତୁ ତା ଭିତରେ ଲୁଚିଥିବା ଶକ୍ତି

ବୋମା ପରି ବିସ୍ଫୋରିତ ହୋଇ ଏକ ନିର୍ଦ୍ଦିଷ୍ଟ, ଅନିଷ୍ଟକାରକ ଫଳ ଆଣିଥିଲା । ପରେ ମୁଁ ବୁଝିଲି ଯେ କଥାରେ ରହିଥିବା ବିସ୍ଫୋରଣ ସୃଷ୍ଟିକାରୀ ସ୍ପନ୍ଦନକୁ* ବିଜ୍ଞତାର ସହିତ ପରିଚାଳନା କଲେ, ବାଧାବିଘ୍ନରୁ ମୁକ୍ତ ହୋଇ ଆଘାତ ଓ ତିରସ୍କାର-ରହିତ ଜୀବନଯାପନ କରିହୁଏ । ପଞ୍ଜାବର ଲାହୋର ସହରକୁ ଆମ ପରିବାର ସ୍ଥାନାନ୍ତରିତ ହେଲା । ସେଠାରେ କାଳୀମାତାଙ୍କର† ଖଣ୍ଡିଏ ଦିବ୍ୟ ଛବି ମୋର ହସ୍ତଗତ ହେଲା । ଆମ ଘରର ଉପର ମହଲା ବାଲକୋନିରେ ଗୋଟିଏ ଛୋଟ କାମ ଚଳିବା ଭଳି ପୂଜାଘର ଥାଏ । ଫଟୋଟି ପୂଜାଘରକୁ ପବିତ୍ର କରୁଥାଏ । ମୋ ମନରେ ଏକ ସୁସ୍ପଷ୍ଟ ଦୃଢ଼ ବିଶ୍ୱାସ ଜନ୍ମିଲା ଯେ ସେହି ପବିତ୍ର ସ୍ଥାନରେ ମୁଁ ଯାହା ପ୍ରାର୍ଥନା କରିବି, ତାହା ଫଳବତୀ ହେବ । ମୁଁ ଓ ଉମା ସେଠାରେ ସାଙ୍ଗ ହୋଇ ଠିଆ ହୋଇଥିଲୁ । ପାଖରେ ଥିବା ଦୁଇଟି କୋଠାଘରର ଛାତ ଉପରେ ଦୁଇଟି ପିଲା ଗୁଡ଼ି ଉଡ଼ାଉ ଥିଲେ । ଆମ ଘର ଏବଂ ସେ ଦୁଇଟି କୋଠାଘର ମଧ୍ୟରେ ବ୍ୟବଧାନ ଥାଏ ଗୋଟିଏ ଅତି ଅଣଓସାରିଆ ଗଳି । ଉମା କୌତୁକରେ ମୋତେ ଠେଲିଦେଇ ପଚାରିଲା, "ଆରେ, ମତେ ଆଶ୍ଚର୍ଯ୍ୟ ଲାଗୁଛି, ତୁ ଏତେ ଚୁପ୍‌ଚାପ୍ କାହିଁକି ?"

"ମୁଁ ଆଶ୍ଚର୍ଯ୍ୟ ହୋଇ ଭାବୁଛି, ମୁଁ ଯାହା ମାଗୁଛି ଜଗତ୍‌ଜନନୀ ମୋତେ ତାହା ଦେଉଛନ୍ତି ।"

ଥଟ୍ଟାରେ ହସି ହସି ମୋ ଭଉଣୀ କହିଲା, "ତାହେଲେ ସେ ଗୁଡ଼ି ଦୁଇଟା ସେ ତୋତେ ବୋଧେ ଦେଇଦେବେ ।"

"କାହିଁକି ଦେବେ ନାହିଁ ?" ଗୁଡ଼ି ଦୁଇଟା ପାଇବା ପାଇଁ ମୁଁ ମୋର ନୀରବ ପ୍ରାର୍ଥନା ଆରମ୍ଭ କରିଦେଲି ।

ଭାରତରେ ଗୁଡ଼ି ଖେଳର ପ୍ରତିଯୋଗିତା ହୁଏ । ଗୁଡ଼ିର ସୂତାରେ କାଚଗୁଣ୍ଡ ଏବଂ ଅଠା ବୋଳା ହୋଇଥାଏ । ପ୍ରତ୍ୟେକ ଖେଳାଳି ଅପର ପକ୍ଷର ସୂତା କାଟିଦେବା ପାଇଁ ଚେଷ୍ଟା କରେ । ସୂତା ଛିଣ୍ଡିଗଲେ ଗୁଡ଼ି ଛାତ ଉପରେ ଉଡ଼େ । ତାକୁ ଧରିବାରେ ବଡ଼ ମଜା । ଉମା ଓ ମୁଁ ଥିଲୁ ଛାତଥିବା ଭିତର ପଟ ବାରଣ୍ଡାରେ । ଏଣୁ ସୂତାଛିଣ୍ଡା ଗୋଟାଏ ଗୁଡ଼ି ଆମ

* ଶବ୍ଦର ଅସୀମ ଶକ୍ତି ସୃଜନଶୀଳ ଓଁକାର ଶବ୍ଦରୁ ଉତ୍ପନ୍ନ ହୁଏ; ଏହା ସମସ୍ତ ଆଣବିକ ଶକ୍ତି ମଧ୍ୟରେ ନିହିତ ବିଶ୍ୱର ସ୍ପନ୍ଦନ ଶକ୍ତି । ସୁସ୍ପଷ୍ଟ ଉପଲବ୍ଧି ଏବଂ ଗଭୀର ଏକାଗ୍ରତାର ସହିତ କୌଣସି ଶବ୍ଦ କୁହାଗଲେ, ତାହା ପ୍ରତ୍ୟକ୍ଷ ଫଳ ଦିଏ । କୌଣସି ଭାବୋଦ୍ଦୀପକ ଶବ୍ଦର ନୀରବ ବା ଉଚ୍ଚସ୍ୱରରେ ବାରମ୍ବାର ଉଚ୍ଚାରଣ କୁଏଇଜିମ୍ ତଥା ସେହି ପ୍ରକାରର ଅନ୍ୟାନ୍ୟ ମାନସିକ ରୋଗ ଚିକିତ୍ସା ପଦ୍ଧତିରେ ଫଳପ୍ରଦ ହେବା ଦେଖାଯାଇଛି । ଏହାର ଗୂଢ଼ ରହସ୍ୟ ହେଲା ମନର ସ୍ପନ୍ଦନ ଶକ୍ତିର ବେଗକୁ ବଢ଼ାଇବା ।

† କାଳୀ ଚିରନ୍ତନ ପ୍ରକୃତି ମାତା ରୂପେ ଭଗବାନଙ୍କର ଏକ ପ୍ରତୀକ

ହାତକୁ ଆସିବା ଅସମ୍ଭବ ମନେ ହେଉଥିଲା । କାରଣ ଗୁଡ଼ିର ସୂତା ଛାତ ଉପରେ ଝୁଲି ରହିବା ସ୍ୱାଭାବିକ ।

ଖେଳାଳିମାନେ ଗଳି ଆରପାଖରେ ତାଙ୍କର ପ୍ରତିଯୋଗିତା ଆରମ୍ଭ କଲେ । ଗୋଟାଏ ସୂତା ଛିଣ୍ଡିଲା; ସଙ୍ଗେ ସଙ୍ଗେ ଗୁଡ଼ିଟା ମୋ ଆଡ଼କୁ ଭାସି ଭାସି ଆସିଲା । ହଠାତ୍ ପବନ ବନ୍ଦ ହୋଇଯିବାରୁ କ୍ଷଣକ ପାଇଁ ଗୁଡ଼ିଟା ସ୍ଥିର ହୋଇ ରହିଲା । ସେହି ସମୟରେ ତା'ର ସୂତା ଆମ ଘରର ବିପରୀତ ଦିଗରେ ଥିବା ଘରର ଛାତ ଉପରେ ଗୋଟାଏ କ୍ୟାକଟସ୍ ଗଛରେ ଜୋରରେ ଗୁଡ଼ାଇ ହୋଇଗଲା । ତାକୁ ଧରିବା ପାଇଁ ମୋତେ ବେଶ୍ ଗୋଟାଏ ଲମ୍ବା ଫାଶ ମିଳିଗଲା । ପାଇଥିବା ଉପହାରଟି ମୁଁ ଉମାକୁ ଦେଲି ।

"ଏଇଟା ଗୋଟାଏ ଆକସ୍ମିକ ଅଦ୍ଭୁତ ଘଟଣା, ତୋର ପ୍ରାର୍ଥନାର ଫଳ ନୁହେଁ । ଯଦି ତୋ ହାତକୁ ଆଉ ଗୁଡ଼ିଟା ଆସିବ, ତେବେ ଯାଇ ମୁଁ ବିଶ୍ୱାସ କରିବି ।" ଭଉଣୀର କଳା କଳା ଆଖି ଦୁଇଟିରୁ ତା କଥା ଅପେକ୍ଷା ଆଶ୍ଚର୍ଯ୍ୟର ଅଧିକ ସୂଚନା ମିଳୁଥିଲା । ମୁଁ ଆହୁରି ଗଭୀର ପ୍ରାର୍ଥନା କରିବାକୁ ଲାଗିଲି । ଜୋରରେ ଟାଣି ଦେବାରୁ ଜଣେ ଖେଳାଳି ତା'ର ଗୁଡ଼ିଟି ହଠାତ୍ ହରାଇ ବସିଲା । ପବନରେ ନାଚି ନାଚି ଗୁଡ଼ିଟା ମୋରି ଆଡ଼କୁ ମୁହାଁଇଲା । ମୋର ସାହାଯ୍ୟକାରୀ କର୍ମୀ କ୍ୟାକଟସ୍ ଗଛଟି ପୁଣି ଥରେ ଗୋଟାଏ ଫାଶ ତିଆରି କରି ଗୁଡ଼ିଟାକୁ ଧରି ରଖିଲା । ମୋର ଦ୍ୱିତୀୟ ବିଜୟ-ସ୍ମାରକଟି ମୁଁ ଉମାକୁ ଉପହାର ଦେଲି ।

"ବାସ୍ତବରେ ଜଗତ୍‌ମାତା ତୋ କଥା ଶୁଣନ୍ତି । ମୋ ପାଇଁ କିନ୍ତୁ ଏହା ବଡ଼ ରହସ୍ୟମୟ ।" ଏତିକି କହି ଡରି ଯାଇଥିବା ହରିଣଛୁଆଟି ପରି ଭଉଣୀ ଦଉଡ଼ି ଦଉଡ଼ି ପଳାଇଗଲା ।